# Akashvani, Sambalpur

## SAMBALPURI NEWS EVENING BULLETIN

## 11 May 2026-7.02- 7.12 pm.

---

୧- ସୋମ୍‌ନାଥ୍ ଅମୃତ୍ ପର୍ବ ହଜାରେ ବଛର୍ ତକ୍ ଦେଶ୍‌ବାସୀଙ୍କୁ ପ୍ରେରଣା ୟୁଗାବା କହେଲେ ପ୍ରଧାନ୍‌ମନ୍ତ୍ରୀ ।

୨- ଓଡ଼ିଶାକେ ଦେଶର୍ ସାଂସ୍କୃତିକ୍ ରାଜ୍‌ଧାନୀ ବନାବାର୍ ଲାଗି ସର୍‌କାର୍ ସଂକଳ୍ପବଦ୍ଧ ।

୩- ଭି.ବି.ଜି.ରାମ୍‌ଜୀ ଆଇନ୍ ଆଏବା ଜୁଲାଇ ୧ ତାରିଖ୍ ଦେଶେ କାର୍ଯ୍ୟକାରୀ ହେବାର୍ ଲାଗି ବାହାର୍‌ଲା ବିଜ୍ଞପ୍ତି ।

୪- ବର୍‌ଗଡ୍ ଜିଲ୍ଲା ନ ଆଏଜ୍‌ଠାନୁ ମୁଲ୍ ହେଲା ଡାଲୁଆ ଧାନ୍‌ଘିନା ।

ଆଉର୍

୫- ଦକ୍ଷିଣ ପଶ୍ଚିମ୍ ବଙ୍ଗୋପ୍‌ସାଗର୍ ହେଇଥିବା ଲଘୁଚାପ୍‌ର ପ୍ରଭାବ୍‌ଥି ଦେଶର୍ ୨୦ ଟା ଜିଲ୍ଲା ନ ବର୍ଷାର୍ ସମ୍ଭାବନା ।

ପିଏମ୍ ସୋମ୍‌ନାଥ୍        ଏନ୍‌ଏସ୍‌ଡି

ସୋମ୍‌ନାଥ୍ ଅମୃତ୍ ପର୍ବ ହଜାରେ ବଛର୍ ତକ୍ ଦେଶ୍‌ବାସୀଙ୍କୁ ପ୍ରେରଣା ଯୁଗାବା ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଦେଶର୍ ପହେଲା ଜ୍ୟୋର୍ତିଲିଙ୍ଗ ସୋମ୍‌ନାଥ୍ ମହାଦେବ୍ ମନ୍ଦିର୍‌ର ଆଏଜ୍ ପୁନଃନିର୍ମାଣ୍‌କେ ୭୫ ବଛର୍ ପୁରିଥିବାର୍ ଅବ୍‌ସରେ ସୋମ୍‌ନାଥ୍ ଅମୃତ୍ ପର୍ବ ୨୦୨୬ ଥି ଯୋଗ୍ ଦେଇକରି ଶ୍ରୀ ମୋଦୀ କହିଛନ୍, ସୋମ୍‌ନାଥ୍ ମନ୍ଦିର୍ ଅତୁଟ ବିଶ୍ୱାସ, ଭକ୍ତି ଆଉ ଦେଶର୍ ଅନ୍ତର୍‌ଆତ୍ମାର ନିଦର୍ଶନ୍ ହେଇକରି ରହିଛେ । ସୋମ୍‌ନାଥ୍ ମନ୍ଦିର୍‌ର ଭବ୍ୟ ଆଉ ପବିତ୍ର ପରିବେଶ୍ ଭିତ୍‌ରେ ମହାଦେବଙ୍କର୍ ପୂଜା ଅର୍ଚ୍ଚନା ଆଉ କୁମ୍ଭ ଅଭିଷେକ୍ ଗୁଟେ ଅବିସ୍ମରଣୀୟ ମୁହୂର୍ତ ହେଇଛେ । ସୋମ୍‌ନାଥ୍ ମନ୍ଦିର୍ ଇତିହାସ୍‌ଥି ପହେଲାଥର୍ ଲାଗି ୧୧ ଟା ତୀର୍ଥସ୍ଥଲୀନୁ  ପବିତ୍ର ପାଏନ୍ ଆନିକରି ଜଳାଭିଷେକ୍ କରାଯାଇଥିଲା । ଇ ଅବ୍‌ସରେ ଶ୍ରୀ ମୋଦୀ ସେନ ଗୁଟେ ପତାକା ଉତୋଲନ୍ ଉତ୍ସବ୍‌ଥି ଯୋଗ୍ ଦେଇଥିଲେ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ଭାରତୀୟ ବାୟୁସେନା ତର୍‌ଫୁ ସୂର୍ଯ୍ୟକିରଣ୍, ଏରୋବେଟିକ୍ସ ଟିମ୍ ତର୍‌ଫୁ ଭିନ୍ ଭିନ୍ କଳା କୌଶଲ୍ ପ୍ରଦର୍ଶନ୍ କରାଯାଇଥିବାର୍

ବେଲେ ହେଲିକେପ୍ଟର୍ ଜରିଏ ସୋମ୍‌ନାଥ୍ ମନ୍ଦିର୍ ଉପ୍‌ରେ ଫୁଲ୍ ବର୍ଷା କରାଯାଇଥିଲା । ସୋମ୍‌ନାଥ୍ ଅମୃତ୍ ପର୍ବ ବାବଦ୍ ଗୁଟେ ଖାସ୍ ପ୍ରଦର୍ଶନୀକେ ପ୍ରଧାନ୍‌ମନ୍ତ୍ରୀ ବୁଲି ଦେଖିଥିଲେ । ତାର୍ ଆଘୋନୁ ଶ୍ରୀ ମୋଦୀ ଗୁଟେ ରୋଡ଼୍ ସୋଥି ହମିର୍ ଜୀ ଗୋହିଲ୍ ସର୍କଲ୍ ତକ୍ ଯାଇକରି ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ୍ କରିଛନ୍ ।

ମୁଖ୍ୟମନ୍ତ୍ରୀ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ସୋମ୍‌ନାଥ୍ ମନ୍ଦିର୍ ପୁନରୁଦ୍ଧାର୍‌ର ୭୫ ବଛର୍ ପୂର୍ତି ଅବ୍‌ସରେ ଆଏଜ୍ ଭୁବ୍‌ନେଶ୍ୱର୍ ଏକାମ୍ରକ୍ଷେତ୍ର ନ ଥିବା ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କର୍ ପୀଠ ନ ସୋମ୍‌ନାଥ୍ ସ୍ୱାଭିମାନ୍ ପର୍ବ ପାଲନ୍ କରାଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ସୋମ୍‌ନାଥ୍ ଆଉ ଲିଙ୍ଗରାଜ୍‌ଙ୍କର୍ ଭିତ୍‌ରେ ଥିବା ଅଦୃଶ୍ୟ ଆଉ ଗଭୀର୍ ସମ୍ପର୍କ ବାବ୍‌ଦେ ଆଲୋକପାତ କରିଥିଲେ । ଭାରତୀୟ ସଂସ୍କୃତିର୍ ସୁରକ୍ଷା ଆଉ ଶୈବପୀଠ ମାନ୍‌କର୍ ବିକାଶ୍ ଉପ୍‌ରେ ମୁଖ୍ୟମନ୍ତ୍ରୀ ଜୋର୍ ଦେଇକରି କହିଛନ୍, ସୋମ୍‌ନାଥ୍ ମନ୍ଦିର୍ ଶହେ ୪୦ କୋଟି ଭାରତୀୟଙ୍କର୍ ଆତ୍ମସମ୍ମାନ୍‌ର ପ୍ରତୀକ ଆଏ । ମନ୍ଦିର୍

ପୁନରୁଦ୍ଧାର୍‌ର ୭୫ ବଛର୍ ଭାରତ୍‌ର ସାଂସ୍କୃତିକ୍ ଜାଗରଣ୍‌ର ନୂଆଁ ଅଧ୍ୟାୟ ହେଇଛେ । ସୋମ୍‌ନାଥ୍ ମନ୍ଦିର୍‌ର ପୁନରୁଦ୍ଧାର୍ ଥିଲା ଲୌହମାନବ ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍‌ଙ୍କର୍ ଭାରତୀୟ ସଭ୍ୟତାର୍ ପୁନଃସ୍ଥାପନାର୍ ଶୁଭାରମ୍ଭ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଦୂରଦର୍ଶୀ ନେତୃତ୍ୱଥି ଦେଶେ ସାଂସ୍କୃତିକ୍ ପୁନଃଜାଗରଣ୍ ହେଉଛେ ବିକାଶ୍ ଆଉ ଐତିହ୍ୟକେ ଏକ୍‌ଠାନିଆ କରିକରି ଓଡ଼ିଶାକେ ଦେଶର୍ ସାଂସ୍କୃତିକ୍ ରାଜ୍‌ଧାନୀ ବନାବାର୍‌କେ ସର୍‌କାର୍ ସଂକଳ୍ପବଦ୍ଧ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ରାଜ୍ୟ ସର୍‌କାର୍ ୩ ଶହ ୩୦ କୋଟି ଟଙ୍କା ଖର୍ଚ୍ଚାଥି ଏକାମ୍ର କ୍ଷେତ୍ରର୍ ବିକାଶ୍ ଆଉ ହଜାରେ କୋଟି ଟଙ୍କା ଖର୍ଚ୍ଚାଥି ଶ୍ରୀଜଗନ୍ନାଥ୍ ସଂଗ୍ରହାଳୟ ବାଗିର୍ ପ୍ରକଳ୍ପ ଲାଗି ଖର୍ଚ୍ଚା କର୍‌ବେ ।

ସଂସ୍କୃତି ଭିତିକ୍ ଅର୍ଥନୀତିକେ ତହଁକାବାର୍ ଲାଗି ପର୍ଯ୍ୟଟନ୍ ଜରିଏ ସ୍ଥାନୀୟ ଲୁକଙ୍କର୍ ଲାଗି ରୋଜ୍‌ଗାର୍ ତିଆର୍ କର୍‌ବାର୍‌ଟା ସର୍‌କାର୍‌ଙ୍କର୍ ମୂଳ ଲକ୍ଷ୍ୟ ଆଏ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

କାର୍ଯ୍ୟକ୍ରମ୍‌ଥି ରାଜସ୍ୱ, ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ୍ ଦେଇକରି ଭାରତ୍‌ର ସାଂସ୍କୃତିକ୍ ପରମ୍ପରା

ଆଉ ଶୈବପୀଠମାନ୍‌କର୍ ମହିମା ଉପ୍‌ରେ ଆଲୋଚନା କରିଥିଲେ ।

ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ୍ ଆଏଜ୍ ପାଲନ୍ କରାଯାଉଛେ । ୧୯୯୮ ମସିହା ମେ ମାସର୍ ଆଝିର୍ ଦିନେ ସେବେଲର୍ ପ୍ରଧାନ୍‌ମନ୍ତ୍ରୀ ଅଟଲ୍ ବିହାରୀ ବାଜପେୟୀଙ୍କର୍ ନେତୃତ୍ୱଥି ଭାରତ୍ ତର୍‌ଫୁ ରାଜସ୍ଥାନ୍‌ର ପୋଖରାନ୍ ଠାନେ ସଫଲତାର୍ ସହେତେ ପରମାଣୁ ପରୀକ୍ଷା କରାଯାଇଥିଲା । ଭାରତ୍‌ର ଇ ସାହାସ୍‌କେ ବିଶ୍ୱ ଦର୍‌ବାର୍ ନ ପୁହୁଁଚାବାର୍ ଲାଗି ଫି ବଛର୍ ଆଝିର୍ ଦିନ୍‌କେ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ୍ ଭାବେ ପାଲନ୍ କରାଯାଉଛେ । ଇ ବଛର୍ ଇ ଦିବସ୍‌ର ବାର୍ତା ରହିଛେ "ସମାବେଶୀ ବିକାଶ୍ ଲାଗି ଦାୟିତ୍ୱପୂର୍ଣ୍ଣ ନବସୃଜନ" ।

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ଅବ୍‌ସରେ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇକରି କହିଛନ୍, ପ୍ରଯୁକ୍ତିବିଦ୍ୟା ଆଉ ଆତ୍ମନିର୍ଭରଶୀଲ୍ ଭାରତ୍ ଗଠନ୍‌ଥି ଗୁଟେ ପ୍ରମୁଖ ସ୍ତମ୍ଭ ଭାବେ ଉଭା ହେଇଛେ । ୧୯୯୮ ମସିହାର୍ ସଫଲ୍

ପୋଖରାନ୍ ପରୀକ୍ଷଣ୍‌କେ ଭାରତ୍‌ର ବୈଜ୍ଞାନିକ କ୍ଷମତା ଆଉ ଆତ୍ମବିଶ୍ୱାସ୍‌ର ପ୍ରତୀକ ଭାବେ ଶ୍ରୀ ମୋଦୀ ବର୍ଣ୍ଣନା କରିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ଅବ୍‌ସରେ ଦେଶର୍ ବୈଜ୍ଞାନିକ, ନବ ପ୍ରବର୍ତ୍ତକ, ଇଞ୍ଜିନିୟର ଆଉ ଯୁବପ୍ରତିଭାମାନ୍‌କୁ ଶୁଭେଚ୍ଛା ଜନେଇକରି କହିଛନ୍, ଇ ସବୁ ପ୍ରତିଭାଶାଳୀ ବ୍ୟକ୍ତିମାନେ ନିଜର୍ ନବୋନ୍ମେଷ ଆର୍ ବୈଜ୍ଞାନିକ୍ କୌଶଳ ଜରିଏ ଭାରତ୍‌ର ପ୍ରଗତିଥି ଗୁରୁତ୍ୱପୂର୍ଣ୍ଣ ଭୂମିକା ନଉଛନ୍ ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍, ବୈଜ୍ଞାନିକ୍ ଆଉ ଗବେଷକଙ୍କର୍ ନିରନ୍ତର୍ ପୟାସ୍ ଆଉ ଆତ୍ମନିର୍ଭର, ସୁରକ୍ଷିତ୍ ଆଉ ଭବିଷ୍ୟତମୁଖୀ ଭାରତ୍ ଗଠନ୍ ଲାଗି ବହୁତ୍ ଜରୁରୀ ଆଏ ।

ରତ୍ନଭଣ୍ଡାର୍ ଗନ୍‌ତିମନ୍‌ତି ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍‌ଙ୍କର୍ ଅନୁମୋଦିତ ମାର୍ଗଦର୍ଶିକା ଅନ୍‌ସାରେ ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ନ ଥିବା ଅଲଙ୍କାର୍ ମାନ୍‌କର୍ ଗନ୍‌ତି କାମ୍ ଆଏଜ୍ ଉପର୍‌ବେଲା ୪ ବଜେ ମୁଲ୍ ହେଇଛେ । ଭିନ୍ ଭିନ୍ ଖେପେ ରତ୍ନଭଣ୍ଡାର୍ ଗନ୍‌ତି ପାଖାପାଖି ୫୭ ଘଂଟାନୁ

ଅଏତ୍କା ହେଇସାରିଛେ । ପୁରା ପ୍ରକ୍ରିୟା ବ୍ୟବସ୍ତାବଳୀ ଅନ୍‌ସାରେ ସ୍ୱଚ୍ଛତା ଆଉ ଅଧିକୃତ ସେବକ ତଥା ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ, ମାଜିଷ୍ଟ୍ରେଟ୍, ଅଧିକାରୀଙ୍କର୍ ଉପସ୍ଥିତିଥି ଗନ୍‌ତି-ମନ୍‌ତି କରାଯାଉଛେ । ସନ୍ଧ୍ୟାଧୂପ ଶେଷ୍ ହେବାର୍‌ତକ୍ ଭିତରକାଠନୁ ଭକ୍ତମାନ୍‌କର୍ ଦର୍ଶନ୍ ବନ୍ଦ୍ ରହେବା । ବାହାରକାଠ ପାଶୁ ଦର୍ଶନ୍ ବ୍ୟବସ୍ଥା ଜାରି ରହେବା । ଇତାର୍ ଉତ୍‌ରର ଗନ୍‌ତି ଦିନ୍ ମାନ୍‌କର୍ ବାବ୍‌ଦେ ସୂଚ୍‌ନା ଇ ଖେପ୍ ଉତ୍‌ରୁ ଘୋଷ୍‌ନା କରାଯିବା ବଲି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ ।

ଭି.ବି.ଜି.ରାମ୍‌ଜୀ ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ସର୍‌କାର୍ ବିକଶିତ୍ ଭାରତ୍ ନିଶ୍ଚିତ୍ ରୋଜ୍‌ଗାର୍ ଆଉ ଆଜୀବିକା ମିଶନ୍- ଗ୍ରାମୀଣ୍ ଆଇନ୍ ୨୦୨୫ କେ କାର୍ଯ୍ୟକାରୀ କର୍‌ବାର୍ ଲାଗି ବିଜ୍ଞପ୍ତି ବାହାର୍ କରିଛନ୍ । ଜୁଲାଇ ୧ ତାରିଖ୍‌ନୁ ଦେଶେ ଇ ଆଇନ୍ କାମ୍ କର୍‌ବା । କେନ୍ଦ୍ର ଗ୍ରାମୀଣ୍ ବିକାଶ୍ ମନ୍ତ୍ରଣାଳୟର୍ ସୂଚ୍‌ନା ଅନ୍‌ସାରେ ଭି.ବି.ଜି.ରାମ୍‌ଜୀ ଯୋଜ୍‌ନାଥି ଫି’ ଆର୍ଥିକ୍ ବଛ୍‌ରେ ଶହେ

୨୫ ଦିନର୍ କାମ୍ ଯୁଗେଇ ଦିଆଯିବା । ଆମର୍ ସମ୍ବାଦଦାତାଙ୍କର୍ ସୂଚ୍ନା ଅନ୍ସାରେ ଚଲ୍ତି ଆର୍ଥିକ୍ ବଛ୍ରେ ଇ ଯୋଜ୍ନାର୍ କାର୍ଯ୍ୟାନ୍ୱୟନ୍ ଲାଗି ୯୫ ହଜାର୍ ୬ ଶହ ୯୨ କୋଟି ଟଙ୍କା ଖର୍ଚ୍ଚା କରାଯିବା ।

ଧାନ୍ ଘିନା ବର୍ଗଡ୍ ସମ୍ବାଦଦାତା

ବର୍ଗଡ୍ ଜିଲ୍ଲା ନ ବର୍ଗଡ୍ ନିୟନ୍ତ୍ରିତ ବଜାର୍ କମିଟିର୍ ଗୁଡ୍ଡେଶିରା ବଜାର୍ ପରିସର୍ ନ ଡାଲୁଆ ଧାନ୍ଘିନା ଆଏଜ୍ଠାନୁ ମୁଲ୍ ହେଇଛେ । ବିଧାୟକ୍ ଅଶ୍ୱିନୀ କୁମାର୍ ଷଡ଼ଙ୍ଗୀ ଧାନ୍ ଘିନାର୍ ଶୁଭାରମ୍ଭ କରିଛନ୍ । ଇ ଅବ୍ସରେ କେତେଝନ୍ ଚାଷୀଙ୍କର୍ ଠାନୁ ଧାନ୍ ଘିନା ଯାଇଥିଲା ଆଉ ୪ ଝନ୍ ଚାଷୀଙ୍କୁ ପେକ୍ସ ଆଉ ଆର୍ଏମ୍ସି ତର୍ଫୁ ସମ୍ମାନିତ୍ କରାଯାଇଥିଲା । କାର୍ଯ୍ୟକ୍ରମ୍ଥି ଗୁଡ୍ଡେଶିରା, ପଥର୍ଲା, ଗୋବିନ୍ଦ୍ପୁର୍, ଚକର୍କେନ୍ଦ୍ ଗ୍ରାମ୍ପଂଚାୟତ୍ର ଶହେ ନୁ ଅଏତ୍କା ଚାଷୀ ଯୋଗ୍ ଦେଇଥିଲେ ।

ଆକାଶବାଣୀ ୯୦ ବଛର୍ ପୂର୍ତି ଆର୍ଏନ୍ୟୁ/ ସମ୍ବଲପୁର

ଆକାଶ୍‌ବାଣୀର ୯୦ ବଛର୍ ପୂର୍ତି ଅବ୍‌ସରେ ଆଏବା କାଏଲ୍ ଆକାଶ୍‌ବାଣୀ ସମ୍ବଲ୍‌ପୁର୍ କେନ୍ଦ୍ର ତର୍‌ଫୁ ଲୋକସଂଗୀତ୍ ସମାରୋହ 'ନୂଆଁ ନବେ'ର ଆୟୋଜନ୍ କରାଯାଉଛେ । ସମ୍ବଲ୍‌ପୁର୍ ତପସ୍ୱିନୀ ପ୍ରେକ୍ଷାଳୟ ନ ବେଲ୍‌ବୁଡ଼ର୍ ସାଢ଼େ ୬ ବଜେ ହେବାର୍‌କେ ଥିବା ସମାରୋହଥି ଆକାଶ୍‌ବାଣୀର୍ ସ୍ୱିକୃତୀପ୍ରାପ୍ତ କଳାକାର୍ ମାନେ ଲୋକନାଚ୍ ଆଉ ଲୋକଗୀତ୍ ପରିବେଷଣ୍ କର୍‌ବେ ।

ଅଭିଯୋଗ୍ ଶୁଣାଣି ବୌଦ୍ଧ/ସମ୍ବଲପୁର/ଦେବ୍‌ଗଡ଼୍/ବର୍‌ଗଡ଼୍

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକ୍‌ଙ୍କର୍ ଯୁଗ୍ମ ଜନଶୁଣାଣି ଶିବିର ଆଏଜ୍ ହେଇଯାଇଛେ ।

ସମ୍ବଲ୍‌ପୁର୍ ଜିଲ୍ଲା ଜମେନ୍‌କିରା ବ୍ଲକ୍ କାର୍ଯ୍ୟାଳୟ ଠାନେ ହେଇଥିବା ଜନଶୁଣାଣି ଶିବିର୍‌ଥି ୭୨ ଟା ଅଭିଯୋଗ୍ ଆସିଥିଲା ।

ରେଡ଼କ୍ରସ୍ ଅଧୀନ୍‌ଥି ଝନ୍‌କୁ ୫୦ ହଜାର୍ ଟଙ୍କା ସାହାଜ୍ ବାବ୍‌ଦେ ଦିଆଯାଇଥିଲା ।

ବୌଦ୍ଧ ଜିଲ୍ଲା ହର୍‌ଭଙ୍ଗା ପଂଚାୟତ୍ ସମିତି ନ ହେଇଥିବା ଜନଶୁଣାଣି ଶିବିରଥି ୭୩ ଟା ଅଭିଯୋଗ୍ ଆସିଥିବାର୍ ବେଲେ ୨୯ ଟାର୍ ତୁର୍‌ତି ସମାଧାନ୍ କରାଯାଇଛେ ।

ଦେବ୍‌ଗଡ଼୍ ଜିଲ୍ଲା ତିଲେଇବଣି ବ୍ଲକ୍ ପଂଚାୟତ୍ ସମିତି ସମ୍ମିଲନୀ କକ୍ଷ ନ  ହେଇଥିବା ଶିବିର୍‌ଥି ୧୮ ଟା ଅଭିଯୋଗ୍ ଆସିଥିଲା ।

ବର୍‌ଗଡ଼୍ ଜିଲ୍ଲା ଭେଡ଼େନ୍ ପଂଚାୟତ୍ ସମିତି କାର୍ଯ୍ୟାଳୟ ନ ହେଇଥିବା ଅଭିଯୋଗ୍ ଶୁଣାଣି ଶିବିର୍‌ଥି ୫୯ ଟା ଅଭିଯୋଗ୍ ଆସିଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ବିନ୍‌କା ବ୍ଲକ୍ ମହଦା ଗ୍ରାମ୍‌ପଂଚାୟତ୍ କାର୍ଯ୍ୟାଳୟ ନ ହେଇଥିବା ଶୁଣାଣି ଶିବିର୍‌ଥି ଶହେ ୫ ଟା ଅଭିଯୋଗ୍ ଆସିଥିଲା । ସେଥିର୍‌ଭିତ୍‌ରୁ ୨୫ ଟା ସମସ୍ୟାର୍ ତୁର୍‌ତି ସମାଧାନ୍ କରାଯାଇଥିଲା ।

ଶିବିର୍ ମାନ୍‌କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍‌କୁ ଗ୍ରହଣ୍ କରିକରି ତୁର୍‌ତି ସମାଧାନ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ଆଣ୍ଡାମାନ୍ ସାଗର୍ ଆଉ ତାର୍ ପାଖର୍ ଇଲାକା ନ ସକ୍ରିୟ ଘୂର୍ଣ୍ଣିବଳୟର୍ ପ୍ରଭାବ୍‌ଥି ଦକ୍ଷିଣ୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ନ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେଇଛେ । ଆଂଚଲିକ୍ ପାଣିପାଗ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଇତାର୍ ପ୍ରଭାବ୍‌ଥି ରାଏଜେ ବର୍ଷା ହେବାର୍ ସମ୍ଭାବନା ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ଚଡ଼କ୍ ମାରିକରି ବର୍ଷା ହେବା ବଲି ରାଜ୍ୟର୍ ୨୦ ଟା ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।